بسم الله الرحمٰن الرحيم

**ଖୁତ୍‌ବା ଜୁମା ୧୨ ଅଗଷ୍ଟ ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ଟେଲ୍‌ଫୋର୍ଡ ୟୁ.କେ**

# ଜଲସା ସାଲାନା ବ୍ରିଟେନ୍ ଉପଲକ୍ଷେ ଜମାଅତ୍ ଅହମଦିୟା ଉପରେ ଅଲ୍ଲାଃତାଲାଙ୍କ ଦ୍ୱାରା ଅବତୀର୍ଣ୍ଣ ହୋଇଥିବା କୃପାର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ଵାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; **ଅଲ୍‌ହମ୍‌ଦୁ ଲିଲ୍ଲାଃ** (ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ), ଅଲ୍ଲାଃତାଲା ଆମମାନଙ୍କୁ ବ୍ରିଟେନ୍‌ର ଜଲସା ସାଲାନା ଆୟୋଜନ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କଲେ । ଆମେମାନେ ତିନି ଦିନ ପର୍ଯ୍ୟନ୍ତ ଉକ୍ତ ଜଲସାରେ ଅଲ୍ଲାଃତାଲାଙ୍କର କୃପାବତୀର୍ଣ୍ଣ ହେଉଥିବାର ଉପଲବ୍ଧି କଲୁ । ଆମେମାନେ ସଂପୂର୍ଣ୍ଣ ବର୍ଷ ଜଲସା ସାଲାନାକୁ ଅପେକ୍ଷା କିରଥାଉ ଏବଂ ବ୍ୟବସ୍ଥାପିକାକୁ ମଧ୍ୟ ବର୍ଷ ସାରା ଅନେକ ପ୍ରକାରର ପ୍ରସ୍ତୁତି କରିବାକୁ ପଡ଼ିଥାଏ । ପୁନଶ୍ଚ ଯେତେବେଳେ ଜଲସା ପ୍ରାରମ୍ଭ ହୋଇଥାଏ ସେତେବେଳେ ସମୟ କିପରି ଗଡ଼ି ଯାଉଛି କିଛି ଜଣାପଡ଼େ ନାହିଁ ଯେ, ତିନି ଦିନ କିପରି ଆଖି ପିଛୁଳାକେ ଅତିକ୍ରମ ହୋଇଗଲା ।

ଚଳିତ ବର୍ଷ ଲୋକମାନଙ୍କୁ ଓ ମୋତେ ମଧ୍ୟ ସୁରକ୍ଷା ଦୃଷ୍ଟିରୁ କେତେକ ସୁରକ୍ଷା ପ୍ରଦାନ କରାଯାଇଥିଲା । କେତେକ ଲୋକମାନେ ମୋତେ ପତ୍ର ଲେଖିଲେ ଏବଂ ଚିନ୍ତା ପ୍ରକଟ କଲେ । ସୁତରାଂ ଏ ଦୃଷ୍ଟିରୁ ମୁଁ ଓ ଜମାଅତ୍‌ର ସଦସ୍ୟବୃନ୍ଦମାନେ ମଧ୍ୟ ଦୁଆ କରୁଥିଲୁ । ସେ ଯାହା ହେଉ ନା କାହିଁକି ଅଲ୍ଲାଃତାଲା ସମସ୍ତ ସୁରକ୍ଷା ଏବଂ ଆତଙ୍କଜନିତ ଭୟକୁ ଶାନ୍ତିରେ ପରିଣତ କରିଦେଲେ । ସେହି ଭୟ ମଧ୍ୟରୁ ଗୋଟିଏ କାରଣ କୋଭିଡ଼ ମଧ୍ୟ ଥିଲା । ସେ ଯାହା ହେଉ ନା କାହିଁକି କେତେକାଂଶରେ ଏହି କୋଭିଡ଼ର ପ୍ରଭାବ ମଧ୍ୟ ଲୋକମାନଙ୍କ ଉପରେ ପଡ଼ିଥିବ । କିନ୍ତୁ ସାମଗ୍ରିକ ରୂପେ କହିବାକୁ ଗଲେ ଅଲ୍ଲାଃତାଲାଙ୍କର ବହୁତ ବଡ଼ କୃପା ଆମ ଉପରେ ରହିଛି ।

ହୁଜୁର ଅନୱର ଅ.ବ ବିଗତ ଜଲସା ସାଲାନାର ଖୁତ୍‌ବା ଅବସରରେ ଜଲସାରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାକୃତ କର୍ମୀମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରି ଜଲସାରେ ଅଂଶଗ୍ରହଣ କରିଥିବା ଅତିଥିମାନଙ୍କର ପ୍ରତିକ୍ରିୟା, ସେହିପରି ଅଲ୍ଲାଃତାଲାଙ୍କର କୃପା ସଂପର୍କରେ ଆଦେଶାବଳୀ ଦେଇଥିଲେ । ହୁଜୁର ଅନୱର୍ ଅ.ବ କହିଲେ; ପ୍ରଥମତଃ ମୁଁ ସମସ୍ତ କର୍ମଚାରୀମାନଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେଉଁମାନେ ଜଲସା ସାଲାନାର ପ୍ରସ୍ତୁତି ଠାରୁ ଆରମ୍ଭ କରି ୱାଇଣ୍ଡ ଅପ୍ (ସାଉଁଟିବା) ପର୍ଯ୍ୟନ୍ତ ନିଃସ୍ୱାର୍ଥପର ହୋଇ ସେବା କିରଥିଲେ ଏବଂ ଅଦ୍ୟାବଧି କୌଣସି ନା କୌଣସି ୱାଇଣ୍ଡ ଅପ୍‌ର କାର୍ଯ୍ୟ ଅବ୍ୟାହତ ରହିଛି ଓ ଅହରହ ଭାବରେ ସେମାନେ ସେହି କାର୍ଯ୍ୟରେ ନିମଜ୍ଜିତ ରହିଛନ୍ତି । ପୁନଶ୍ଚ ଜଲସା ସମୟରେ ବିଭିନ୍ନ ବିଭାଗଗୁଡ଼ିକର କର୍ମଚାରୀ ଓ କର୍ମଚାରିଣୀମାନେ ସାମୂହିକ ରୂପେ ନିଜର ସାମର୍ଥ୍ୟାନୁଯାୟୀ ଅତ୍ୟନ୍ତ ଉତ୍ତମ କାର୍ଯ୍ୟ ସମ୍ପାଦନ କରିଛନ୍ତି । ଅତଏବ ଏଥି ନିମନ୍ତେ ମୁଁ ସମସ୍ତ ଅଂଶଗ୍ରହଣକାରୀ ଓ କର୍ମୀମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।

ଏସବୁ ସତ୍ତ୍ୱେ କେତେକ ଦୋଷତ୍ରୁଟି ଏବଂ ଦୁର୍ବଳତା ମଧ୍ୟ ସାମ୍ନାକୁ ଆସିଛି । ଏହାର ଚର୍ଚ୍ଚା କରି ହୁଜୁର ଅନୱର ଅ.ବ କହିଲେ; ଏତେ ବଡ଼ ଜମାଅତ୍‌ରେ ବ୍ୟାପକ ଜଲସାର ଯେତେବେଳେ ଆୟୋଜନ କରାଯାଏ ସେତେବେଳେ କିଛି ସାମାନ୍ୟ ତ୍ରୁଟି ଏବଂ ଦୁର୍ବଳତା ମଧ୍ୟ ରହିଯାଇଥାଏ । କିନ୍ତୁ ବ୍ୟବସ୍ଥାପିକାର ମଧ୍ୟ ଏହି ଦାୟିତ୍ୱ ରହିଛି ଯେ, ସେମାନେ ସେହି ଦୋଷ ଦୁର୍ବଳତାର ସମାଧାନ କରି ତ୍ରୁଟିକୁ ଦୂର କରନ୍ତୁ । ଉଦାହରଣ ସ୍ୱରୂପ ଲଙ୍ଗ୍‌ରାର ଖାଦ୍ୟ ଖୁଆଇବାର

ବିଭାଗର କେତେକ ଅଭିଯୋଗ କିମ୍ବା ଆଉ କେତେକ କଥା ମଧ୍ୟ ରହିଛି । ତତ୍‌ସଂକ୍ରାନ୍ତୀୟ ଲୋକମାନଙ୍କ ଠାରୁ ଅନେକ ପତ୍ର ମଧ୍ୟ ହସ୍ତଗତ ହୋଇଛି । ସେହି ଅଭିଯୋଗମୂଳକ ପତ୍ରଗୁଡ଼ିକୁ ଓ ତତ୍‌ସହିତ ମୁଁ ବ୍ୟବସ୍ଥାପକ କମିଟି ନିକଟକୁ ତାହା ପ୍ରେରଣ କରୁଛି । ଅତଏବ ଏହି ଅଭିଯୋଗ, ଦୋଷ ଦୁର୍ବଳତା ଓ ତ୍ରୁଟିଗୁଡ଼ିକର ସମୀକ୍ଷା କରିଯାଇ ତଦନୁଯାୟୀ ତାହାକୁ ନିଜର ଲାଲ ରଙ୍ଗର ପୁସ୍ତକରେ ଲିପିବଦ୍ଧ କରି ଆସନ୍ତା ବର୍ଷ ପ୍ରତ୍ୟେକ ବିଭାଗରେ ଉତ୍କୃଷ୍ଟ ବ୍ୟବସ୍ଥା କରିବା ପାଇଁ ଉଦ୍ୟମ କରାଯିବା ଉଚିତ ।

ଏମ.ଟି.ଏ ମଧ୍ୟ ଭଲ କଭରେଜ ପ୍ରସାରଣ କରିଛି । ଚଳିତ ବର୍ଷ ଏମ.ଟି.ଏର କର୍ମୀମାନେ ମଧ୍ୟ ନିଜର ସମସ୍ତ ଷ୍ଟୁଡ଼ିଓ ସ୍ୱୟଂ ପ୍ରସ୍ତୁତ କରିଛନ୍ତି । ଫଳତଃ ଏପରି କରିବା ଦ୍ୱାରା ଅନେକ ହଜାର ପାଉଣ୍ଡ ସଞ୍ଚୟ ହୋଇଛି । ଚଳିତ ବର୍ଷ ଏହି ବ୍ୟବସ୍ଥାଟି ଥିଲା ଯେ, ଅନେକ ବିକାଶଶୀଳ ଓ ବିକଶିତ ରାଷ୍ଟ୍ରମାନଙ୍କୁ ଜଲସା ସାଲାନାର କାର୍ଯ୍ୟକ୍ରମ ସମୟରେ ମିଶାଇ ଦିଆଯାଇଥିଲା, ଯଦ୍ୱାରା ଏଠାରେ ବସିଥିବା ଲୋକମାନେ ମଧ୍ୟ ଅନ୍ୟ ଦେଶରେ ବାସ କରୁଥିବା ନିଜର ଭାଇମାନଙ୍କୁ ଅତି ସହଜରେ ଦେଖିପାରୁ ଥିଲେ । ଏକ ପ୍ରକାରର କହିବାକୁ ଗଲେ ଏହି ଦୃଶ୍ୟଟି ଏକତା ଓ ଜଗତିକରଣକୁ ସୂଚାଉଥିଲା ଅର୍ଥାତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାକାର ହୋଇଯାଇଥିଲେ । ଏହି ଦୃଶ୍ୟକୁ ଆମେମାନେ ଏମ.ଟି.ଏର ଚକ୍ଷୁ ମାଧ୍ୟମରେ ଅବଲୋକନ କରିଥିଲୁ । ସୁତରାଂ ଏହା ଅଲ୍ଲାଃତାଲାଙ୍କର ବିଶିଷ୍ଟ କୃପା ଅଟେ ଏବଂ ଏମ.ଟି.ଏର କର୍ମକର୍ତ୍ତାମାନେ ଏହି କଥାର ପ୍ରଶଂସାର ପାତ୍ର ଓ କୃତଜ୍ଞର ଅଧିକାରୀ ଅଟନ୍ତି ଯେ, ସେମାନେ ଜମାଅତ୍ ଅହମଦିୟାର ଏକତାକୁ ଏମ.ଟି.ଏ ମାଧ୍ୟମରେ ସମସ୍ତ ପୃଥିବୀବାସୀଙ୍କୁ ଦେଖାଇ ସେମାନଙ୍କର ମୁହଁ ବନ୍ଦ କରିଦେଲେ ।

ଏତଦ୍‌ପରେ ହୁଜୁର ଅନୱର୍ ଅ.ବ କେତେକ ନବାଗତ ଦୀକ୍ଷାଗ୍ରହଣକାରୀ ଓ ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରତିକ୍ରିୟାକୁ କେନ୍ଦ୍ର କରି ଅଲ୍ଲାଃତାଲାଙ୍କ କୃପାର ଚର୍ଚ୍ଚା କରି କହିଲେ; ଦେଖନ୍ତୁ ! ଅଲ୍ଲାଃତାଲା କିଭଳି ଜଲସା ମାଧ୍ୟମରେ ସମଗ୍ର ପୃଥିବୀରେ ଇସ୍‌ଲାମ୍ ଧର୍ମର ସନ୍ଦେଶ ଓ ବାର୍ତ୍ତା ପହଞ୍ଚାଇଦେଲେ ।

ଲୋକମାନଙ୍କର ଉପସ୍ଥିତ ଖଲିଫାଙ୍କ ସହିତ ପ୍ରେମର ସଂପର୍କ ସଂକ୍ରାନ୍ତରେ ବର୍ଣ୍ଣନା କରି ହୁଜୁର ଅନୱର ଅ.ବ କହିଲେ ଯେ, ନାଇଜେରିଆରେ ଜଣେ ଅଣଅହମଦି ବିଦ୍ୱାନ୍ ଯାହାଙ୍କ ନାମ ଅବୁ ବକର ସୈନୀ ଅଟେ, ସେ ନିୟାମି ସହରର ଏକ ମସ୍‌ଜିଦ୍‌ର ଇମାମ୍ ମଧ୍ୟ ଅଟନ୍ତି, ସେ କହନ୍ତି; ମୋତେ ଯେଉଁ କଥାଟି ସବୁଠୁ ଅଧିକ ପ୍ରଭାବିତ କରିଛି ତାହା ହେଉଛି ଲୋକମାନଙ୍କର ଖଲିଫାଙ୍କ ପ୍ରତି ଥିବା ପ୍ରେମ ଆନ୍ତରିକତାପୂର୍ଣ୍ଣ ସଂପର୍କ । ଲୋକମାନେ କିଭଳି ଉପସ୍ଥିତ ଖଲିଫାଙ୍କର ଆଜ୍ଞାପାଳନ ପ୍ରଦର୍ଶନ କରୁଥିଲେ । ଭାଷଣ ସମୟରେ କିଭଳି ସଂପୂର୍ଣ୍ଣ ନୀରବତା ଏବଂ ନିସ୍ତବ୍ଧତା ପରିବେଶରେ ଗୁଞ୍ଜରିତ ହେଉଥିଲା । ଅବୁ ବକର ସୈନୀ ସାହେବ ପୁନଶ୍ଚ କହନ୍ତି ଯେ, ଏପରି ପ୍ରତିତ ହେଉଛି ଯେ, ଏହି ପ୍ରେମ ସ୍ୱୟଂ ଅଲ୍ଲାଃତାଲା ଲୋକମାନଙ୍କ ମନରେ ଉଦ୍ରେକ କରୁଛନ୍ତି । କାରଣ ତହିଁରେ କୃତ୍ରିମତା ଅଥବା ଲୋକଦେଖାଣିଆ ଭାବର କୌଣସି ଅବକାଶ ନାହିଁ ।

ସେହିପରି ବୁର୍କିନାଫାସୋର ଜଣେ ଅଣଅହମଦି ବନ୍ଧୁ ଯାହାଙ୍କ ନାମ ଇସ୍‌ହାକ୍ ସାହେବ ଅଟେ । ସେ କହନ୍ତି ଯେ, ଆପଣମାନଙ୍କର ଜଲସା ସାଲାନା ଅତ୍ୟନ୍ତ ଉତ୍କୃଷ୍ଟତର ଥିଲା ଯେ, ଯାହାର କୌଣସି ପଟାନ୍ତର ନାହିଁ । ଏତେ ବିଶାଳ ସଂଖ୍ୟକ ଲୋକମାନଙ୍କର ଗୋଟିଏ ସ୍ଥାନରେ ଏକତ୍ରିତ ହେବା କୌଣସି ଚମତ୍କାର ଠାରୁ କିଛି କମ୍ ନୁହେଁ ଏବଂ ଗୋଟିଏ ଧର୍ମାଧ୍ୟକ୍ଷଙ୍କର ଅନୁଗାମୀ ହେବା, ଜଲସା ନିଜ ଉଦାହରଣ ସ୍ୱୟଂ ହିଁ ପରିପ୍ରକାଶ କରୁଛି । ଅତଏବ କୌଣସି ବ୍ୟକ୍ତି ଏହାକୁ ସ୍ୱୀକାର କରୁ ବା ନକରୁ ତହିଁରେ କିଛି ଯାଏ ଆସେ ନାହିଁ । କିନ୍ତୁ ପ୍ରକୃତ ଇସ୍‌ଲାମ୍ ଅହମଦିୟତ୍ ହିଁ ଅଟେ । ସେହି ଦିନଟି ଆଉ ବେଶୀ ଦୂର ନୁହେଁ ଯେତେବେଳେ ଲୋକମାନେ ଏହି ବାସ୍ତବାତାକୁ ଚିହ୍ନି ନେବେ ଏବଂ ତହିଁରେ ପ୍ରବିଷ୍ଟ ହୋଇଯିବେ ।

ପୁନଶ୍ଚ ସେହିପରି ଫ୍ରେଞ୍ଚ୍ (ଫ୍ରାନ୍‌ସ) ଗୟାନାର ଜଣେ ଅଣଅହମଦି ବ୍ୟକ୍ତି ଯାହାଙ୍କ ନାମ ସିରିଁ ଅଟେ । ସେ କହନ୍ତି ଯେ, ମୁଁ ପ୍ରଥମ ଥର କରି ଜଲସା ସାଲାନା ଦେଖିଲି । ଆରବୀ ଭାଷା କହୁଥିବା ବ୍ୟକ୍ତିମାନଙ୍କ ପାଇଁ ମସ୍‌ଜିଦ୍‌ରେ ଏମ.ଟି.ଏ ଅଲ୍ ଆରବିୟା ମାଧ୍ୟମରେ କାର୍ଯ୍ୟକ୍ରମ ଦେଖିବାର ବ୍ୟବସ୍ଥା ମଧ୍ୟ ହୋଇଥିଲା । ସେ କହନ୍ତି ଯେ, ମୁଁ ପ୍ରଥମ ଥର କରି ଜମାଅତ୍ ଅହମଦିୟାର ବାର୍ତ୍ତା ଶୁଣୁଲି ଏବଂ ପ୍ରଥମ ଥର ପାଇଁ ମୁଁ ଆପଣଙ୍କ ଖଲିଫାଙ୍କର ଭାଷଣ ଶୁଣିଲି । ମୁଁ ତାଙ୍କର ଏଭଳି ଭାଷଣ ଦ୍ୱାରା ଏତେ ଗଭୀର ଭାବରେ ପ୍ରଭାବିତ ହେଲି ଯେ, ମୁଁ ମନେମନେ ଭାବିଲି ଯେ

ମୁସଲମାନମାନଙ୍କ ମଧ୍ୟରେ ଏଭଳି ଏକ ବ୍ୟବସ୍ଥାପିକା ଗୋଷ୍ଠୀ ରହିଛି ଯିଏ ଏପରି ଶୃଙ୍ଖଳିତ ଭାବରେ ଇସ୍‌ଲାମ୍ ଧର୍ମର ପ୍ରକୃତ ବାର୍ତ୍ତାକୁ ସଂସାରରେ ପହଞ୍ଚାଉଛନ୍ତି ଏବଂ ଗୋଟିଏ ଖଲିଫାଙ୍କ ବୈଅତ୍‌ରେ ସାରା ପୃଥିବୀରେ କାର୍ଯ୍ୟ କରୁଛି । ମୁଁ **ଇନ୍‌ଶାଅଲ୍ଲାଃ** ବର୍ତ୍ତମାନ ଆପଣଙ୍କ ଜମାଅତ୍ ସଂପର୍କରେ ଅବଶ୍ୟ ଅଧ୍ୟୟନ କରିବି ଏବଂ ଅଧିକ ତଥ୍ୟ ଜାଣିବା ପାଇଁ ଅବଶ୍ୟ ଗବେଷଣା କରିବି ।

ଲାଇବେରିୟାରୁ ଜଣେ ଅଣମୁସଲମାନ ଅତିଥି କହନ୍ତି ଯେ, ମୁଁ ଅହେମଦ ଖଲିଫାଙ୍କ ଭାଷଣ ଶୁଣି ଗଭୀର ଭାବରେ ପ୍ରଭାବିତ ହୋଇଛି ......ଏହା ପୂର୍ବରୁ ମୁଁ ଶୁଣି ରଖିଥିଲି ଯେ ଅହେମଦି ଜମାଅତ୍ ଅତ୍ୟନ୍ତ ସୁବ୍ୟବସ୍ଥିତ, ଶୃଙ୍ଖଳିତ ଓ ସଂଗଠିତ ଜମାଅତ୍ ଅଟେ । କିନ୍ତୁ ଆଜି ସ୍ୱଚକ୍ଷୁରୁ ଅବଲୋକନ ମଧ୍ୟ କରିନେଲି ଯେ, ଅହେମଦିମାନେ କିଭଳି ଜଣେ ଧର୍ମାଧ୍ୟକ୍ଷଙ୍କ ହସ୍ତ ଉପରେ ଏକତ୍ରିତ ଅଟନ୍ତି ଏବଂ ପୃଥିବୀରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ ପାଇଁ ଅହରହ ଓ ଅନବଛିନ୍ନ ଭାବରେ ଉଦ୍ୟମ କରିବାରେ ମଗ୍ନ ରହିଛନ୍ତି ।

ଜ୍ୟାମ୍ବିୟାର ଜଣେ ଖ୍ରୀଷ୍ଟ ପାଦ୍‌ରୀ ସାହେବ ଜଲସାର ଶେଷ ଦିବସର ହୁଜୁର ଅନଓ୍ୱର୍ ଅ.ବଙ୍କ ଉଦ୍‌ବୋଧନ ଶୁଣି ଗଭୀର ଭାବରେ ପ୍ରଭାବିତ ହେଲେ । ସେହିପରି ସ ନିଜ ଆବେଗର ପରିପ୍ରକାଶ କରି କହିଲେ ଯେ, ଆପଣଙ୍କ ଖଲିଫାଙ୍କର ଉଦ୍‌ବୋଧନ ଅତ୍ୟନ୍ତ ଆଶ୍ଚର୍ଯ୍ୟପୂର୍ଣ୍ଣ ଓ ଅଭୂତପୂର୍ଣ୍ଣ ଥିଲା । ମୁଁ ଏହା ଭାବୁଥିଲି ଯେ ଇସ୍‌ଲାମ୍ ଧର୍ମ ନାରୀମାନଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରିଛି ଏବଂ ମହିଳାମାନଙ୍କୁ କୌଣସି ପ୍ରକାରର ସ୍ୱାଧୀନତା ପ୍ରଦାନ କରି ନାହିଁ । କିନ୍ତୁ ଆଜି ଏହି ଉଦ୍‌ବୋଧନ ଶୁଣି ମୋର ଚିନ୍ତାଧାରାଟି ସଂପୂର୍ଣ୍ଣ ରୂପେ ପରିବର୍ତ୍ତିତ ହୋଇଯାଇଛି ଏବଂ ମୁଁ ଏହି କଥା କହିବାକୁ କଦାପି ପଶ୍ଚାତ୍‌ପଦ ଓ ଲଜ୍ଜା ଅନୁଭବ କରିବି ନାହିଁ ଯେ, ଇସ୍‌ଲାମ୍ ଧର୍ମ ନାରୀମାନଙ୍କୁ ଯେଉଁ ଅଧିକାର ଓ ସ୍ୱାଧୀନତା ପ୍ରଦାନ କରିଛି ତାହା ଖ୍ରୀଷ୍ଟ ଧର୍ମ ପ୍ରଦାନ କରି ନାହିଁ ।

ଆଇଭରୀ କୋଷ୍ଟର ଜଣେ ତବ୍‌ଲିଗ୍ ଅଧୀନ ବନ୍ଧୁ କହନ୍ତି ଯେ, ସେ ପ୍ରଥମ ଥର କରି ଟି.ଭିରେ ଜଲସା ସାଲାନାର କୌଣସି ସିଧାପ୍ରସାରଣ ଦେଖିଛନ୍ତି ଏବଂ ଜଲସା ସାଲାନାର ବ୍ୟବସ୍ଥା ଦେଖି ସେ ଗଭୀର ଭାବରେ ପ୍ରଭାବିତ ହୋଇଛନ୍ତି । ସେ କହନ୍ତି ଯେ, ଏତେ ବିଶାଳ ସଂଖ୍ୟକ ଲୋକମାନଙ୍କର ବ୍ୟବସ୍ଥିତ ଏବଂ ଶିଷ୍ଟ ରୂପେ ଏକ ଧର୍ମ ସମ୍ମିଳନୀ କାର୍ଯ୍ୟକ୍ରମରେ ଯୋଗଦେବା ଏହା ସୂଚାଏ ଯେ ଖିଲାଫାତ୍‌ର ସଂସ୍କାର ତାଙ୍କ ଉପରେ କିଭଳି ପ୍ରଭାବ ପକାଇଛି । ସେ ଜାଣି ନଥିଲେ ଯେ, ଆଁହଜରତ ସ.ଅଙ୍କ ହସ୍ତରେ ଲୋକମାନେ  କିପରି ବୈଅତ୍ କରୁଥିଲେ । କିନ୍ତୁ ଆଜି ଖଲିଫାଙ୍କ ହସ୍ତରେ ଲୋକମାନଙ୍କୁ ବୈଅତ୍ କରୁଥିବାର ଦେଖି ଯେଉଁ ଗଭୀର ପ୍ରଭାବ ତାଙ୍କ ମରେ ପଡ଼ିଛି ଏବଂ ଯେଉଁ ଅବସ୍ଥା ତାଙ୍କର ରହିଛି ତାହା ଅବର୍ଣ୍ଣନୀୟ ଅଟେ ।

ଜଲସା ସାଲାନାର ତିନି ଦିନରୁ ଉପକୃତ ହୋଇଥିବା କ୍ୟାମରୁନର ସ୍ଥାନୀୟ ଜମାଅତର ଜନୈକା ମହିଳା ଜଲସାର ଉଦ୍‌ଯାପନୀ ସମରୋହରେ ଲୋକମାନଙ୍କୁ ବହୁମୂଲ୍ୟ ଉପଦେଶ ଦେଲେ ଯେ, ଆମମାନଙ୍କର ଏହା ସୌଭାଗ୍ୟ ଯେ, ଆମ ପାଖରେ ଏମ୍.ଟି.ଏ ରହିଛି, ଏହା କେବଳ ଟି.ଭି ଚ୍ୟାନେଲ ନୁହଁ ବରଂ ଏକ ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଯେଉଁଠି ମନୁଷ୍ୟ ପ୍ରତିଦିନ ଜ୍ଞାନ ଆହରଣ କରିଥାଏ । ଅତଏବ ଆମେମାନେ ମଧ୍ୟ ଏହି ତିନି ଦିନରେ ଅନେକ ଜ୍ଞାନ ଓ ଶିକ୍ଷଣୀୟ କଥା ପ୍ରାପ୍ତ କରିଛୁ । ତେଣୁ ପ୍ରତ୍ୟେକ ବ୍ୟକ୍ତିକୁ ତହିଁରୁ ଉପକୃତ ତଥା ଲାଭବାନ ହେବା ଉଚିତ ଏବଂ ନିୟମିତ ରୂପେ ନିଜ ଘରେ ଜଲସାର ଏହି କାର୍ଯ୍ୟକ୍ରମକୁ ଦେଖିବା ଉଚିତ । ସେହିପରି ଛୋଟ ପିଲାମାନଙ୍କୁ ମଧ୍ୟ ଜଲସା ଦେଖାଇବା ଉଚିତ । କାରଣ ଏପରି କରିବା ଦ୍ୱାରା ସମସ୍ତଙ୍କର ଇସ୍‌ଲମୀୟ ଜ୍ଞାନରେ ଅଭିବୃଦ୍ଧି ଘଟିବ । ବିଶେଷ କରି ଉପସ୍ଥିତ ଖଲିଫାଙ୍କର ଅଭିଭାଷଣ ଏବଂ ଉଦ୍‌ବୋଧନ ଅବଶ୍ୟ ଶୁଣନ୍ତୁ । କାରଣ ଏହା ଦ୍ୱାରା ଆମମାନଙ୍କର ବିଶ୍ୱାସରେ ମଧ୍ୟ ଅଭିବୃଦ୍ଧ ଘଟିବ ।

ହୁଜୁର ଅନଓ୍ୱର୍ ଅ.ବ କହିଲେ; କଙ୍ଗୋ କିନ୍‌ଶାସାରୁ ମଧ୍ୟ ଏକ ପ୍ରତିକ୍ରିୟା ରହିଛି । ଏଲିସୋ ଜମାଅତ୍‌ରେ ଜଲସା ସାଲାନାର କାର୍ଯ୍ୟକ୍ରମ ଦେଖିବା ନିମନ୍ତେ ହମ୍ବଲୀୟ ସଂପ୍ରଦାୟର ଏକ ଇମାମ୍ (ଧର୍ମାଧ୍ୟକ୍ଷ)ଙ୍କୁ ଆମନ୍ତ୍ରିତ କରାଗଲା । ଜଲସାର ପରିସମାପ୍ତି ପରେ ସେ କହିବାକୁ ଲାଗିଲେ ଯେ, ଆଁହଜରତ ସ.ଅ ଯେଉଁଭଳି ଭାବରେ ଆମକୁ ଶିକ୍ଷା ପ୍ରଦାନ କରିଥିଲେ । ଠିକ୍ ସେହିଭଳି ଜମାଅତ୍ ଅହମଦିୟା ମଧ୍ୟ ଇସଲାମ୍ ଧର୍ମର ସେହି ପ୍ରକୃତ ଶିକ୍ଷାକୁ ଉଜାଗର ତଥା

ଉପସ୍ଥାପିତ କରିଛି । ମୋ ନିକଟରି ଏହା ହିଁ ଜମାଅତ୍‌ର ପ୍ରକୃତ ପରିଚୟ ଅଟେ । ବର୍ତ୍ତମାନ ମୁଁ ଏହା ଚାହୁଁଛି ଯେ, କିଛି ବି କରି ମୁଁ ଜମାଅତ୍ ଅହମଦିୟାରେ ସାମିଲ ହୋଇଯିବି । ଅଲ୍ଲାଃତାଲା ଏଥି ନିମନ୍ତେ ମୋତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଆଲ୍‌ବାନିୟାର ତବ୍‌ଲିଗ୍ ଅଧୀନ ଜନୈକା ଯୁବତୀ କହିବାକୁ ଲାଗିଲେ ଯେ, ଜଲସା ସାଲାନା ୟୁ.କେ ଏକ ମହାନ ଜଲସା ଥିଲା । ଯହିଁରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅସାଧାରଣ ଥିଲା । ମୁଁ ବର୍ତ୍ତମାନ ସୁଦ୍ଧା ଜମାଅତ୍‌ରେ ସାମିଲ୍ ତ' ହୋଇ ନାହିଁ କିନ୍ତୁ ଉକ୍ତ ଜଲସାରୁ ମୋ ମନରେ ଏହି କଥାଟି ଜାଗ୍ରତ ହୋଇଛି ଯେ, ମୁଁ ଏହାର ମହତ୍ୱ ତଥା ସତ୍ୟତା ସଂପର୍କରେ ଗମ୍ଭୀରତାର ସହିତ ବିଚାର କରିବି ।

ଅଷ୍ଟ୍ରେଲିୟାର ଜଣେ ନବାଗତ ଦୀକ୍ଷାଗ୍ରହଣକାରୀ ବ୍ୟକ୍ତି କହନ୍ତି ଯେ, ଆନ୍ତର୍ଜାତିକ ବୈଅତ୍ ମୋ ପାଇଁ ଏକ ଅଭୂତପୂର୍ବ ଅନୁଭବ ଥିଲା । ମୁଁ ବର୍ତ୍ତମାନ ଯେଉଁ ଆଧ୍ୟାତ୍ମିକ ପରିସ୍ଥିତି ଦେଇ ଗତି କରୁଛି ଏହା ପୂର୍ବରୁ କେବେ ମୁଁ ଏପରି ଅନୁଭୂତି ଲାଭ କରି ନଥିଲି । ଅତଏବ ଜଲସାର ପରିବେଶ ଏଭଳି ଆଧ୍ୟାତ୍ମିକପୂର୍ଣ୍ଣ ଥିଲା ଯାହାକି ମୋର ହୃଦୟକୁ ଆତ୍ମ ସନ୍ତୋଷ ଏବଂ ଶାନ୍ତି ପ୍ରଦାନ କରିଛି ।

ୟମନ୍‌ରୁ ଶୈମା କାସିମ୍ ସାହେବା ନାମକ ଜନୈକା ମହିଳା କହନ୍ତି ଯେ, ଆମେମାନେ ଜଲସାର କାର୍ଯ୍ୟକ୍ରମକୁ ସ୍ୱଚକ୍ଷୁରେ ଅବଲୋକନ କଲୁ । ଏହା ଏଭଳି ପ୍ରତିତ ହେଉଥିଲା ଯେପରି ଆମେମାନେ ସ୍ୱର୍ଗରେ ଅଛୁ । ଇସ୍‌ଲାମ୍ ଧର୍ମର ସୂର୍ଯ୍ୟ ଆମମାନଙ୍କ ଉପରେ ପୁନଃ ଉଦୟ ହୋଇଛି ଏବଂ ଆମମାନଙ୍କର ହୃଦୟ ଓ ଆତ୍ମାକୁ ସତେଜତା ପ୍ରଦାନ କରିଛି । ଆମମାନଙ୍କ ମଧ୍ୟରେ ପ୍ରକୃତ ବିଶ୍ୱାସ, ପ୍ରେମ ଓ ଏକତା ତଥା ଚାରିତ୍ରିକ ସ୍ପୃହା ଫୁଙ୍କି ଦିଆଯାଇଛି । ଯଦିଓ ଆମେମାନେ ନିଜ ଠାରୁ ଦୂରେଇ ରହିଥିଲୁ କିନ୍ତୁ କେବଳ ଆପଣ ହିଁ ଆମ ସାଥିରେ ଥିଲେ । ଆମେମାନେ ଗୋଟିଏ ଘରେ ଉପସ୍ଥିତ ଥିଲୁ ସତ କିନ୍ତୁ ଏହି ସଂପର୍କକୁ ଜଣେ ଅହମଦି ବ୍ୟତୀତ ଅନ୍ୟ କେହି ବି ଅନୁଭବ କରିପାରିବ ନାହିଁ । ଈଶ୍ୱର ଖିଲାଫତ୍‌କୁ ଚିରକାଳ ପର୍ଯ୍ୟନ୍ତ ଉଜ୍ଜିବୀତ ରଖନ୍ତୁ । ତେଣୁ ଖିଲାଫତ୍ ବ୍ୟତୀତ ନା ଆମର କୌଣସି ଅସ୍ତିତ୍ୱ ରହିଛି ଓ ନା ହିଁ ଆମର କୌଣସି ଅଭିପ୍ରାୟ ତଥା ଲକ୍ଷ୍ୟ ରହିଛି ।

କବାବିର୍‌ରୁ ଦୁଆ ସାହେବା ନାମକ ଜନୈକା ମହିଳା କହନ୍ତି ଯେ, ବୈଅତ୍ ସମୟରେ ମୁଁ ଏହା ଅନୁଭବ କଲି ଯେପରି ଆମେମାନେ ପ୍ରକୃତରେ ଉପସ୍ଥିତ ଖଲିଫାଙ୍କ ନିକଟରେ ଅଛୁ ଏବଂ ଆମମାନଙ୍କ ମଧ୍ୟରେ ନା କୌଣସି ରାଷ୍ଟ୍ର ରହିଛି ଓ ନା ହିଁ କୌଣସି ସମୁଦ୍ର ରହିଛି । ମୋତେ ଏହା ପ୍ରତିତ ହେଉଥିଲା ଯେପରି ଆନନ୍ଦରେ ମୋର ହୃଦୟ ଫାଟିଯିବ।

ସେହିପରି ଦକ୍ଷିଣ ବି.ବି.ସି ର ଜଣେ ସାମ୍ବାଦିକ ପ୍ରତିନିଧି ଏଡ୍‌ୱାର୍ଡ଼ ସଲ୍‌ଟ୍ କହିଲେ କି ମୁଁ ଜଲସା ସାଲାନାରେ ଭଲ ସମୟ ବିତେଇଛି, ଜଲସାରେ ଅତିଥି ସେବା ଅତ୍ୟନ୍ତ ଉନ୍ନତମାନର ଓ ଉତ୍କୃଷ୍ଟତର ଥିଲା । ବିଭିନ୍ନ ଭାଷଣକୁ ଶୁଣିବା ପରେ ବହୁତ ଆନନ୍ଦ ଅନୁଭୂତ ହେଉଥିଲା । ଆଗାମୀ ଭବିଷ୍ୟତରେ ମଧ୍ୟ ମୁଁ ଆପଣମାନଙ୍କ ସହିତ କାର୍ଯ୍ୟ କରିବି ।

ଖୁତ୍‌ବାର ଶେଷ ପର୍ଯ୍ୟାୟରେ ହୁଜୁର ଅନୱର୍ ଅ.ବ କାନାଡ଼ାର ସମ୍ମାନନୀୟ କୁଦ୍ରତୁଲ୍ଲାଃ ଅଦ୍‌ନାନ୍ ସାହେବଙ୍କ ପତ୍ନୀ ସମ୍ମାନନୀୟା ନୁସ୍ରତ୍ କୁଦ୍‌ରତ୍ ସୁଲ୍‌ତାନା ସାହେବା ଓ ଅର୍ଦ୍ଧ ଶତାବ୍ଦୀ ଧରି ସେବା କରିବାର ସୁଯୋଗ ପାଇଥିବା ଉତ୍ସର୍ଗୀକୃତ ଜୀବନ ସମ୍ମାନନୀୟ ଚୌଧୁରୀ ଲତିଫ୍ ଅହମଦ୍ ଝମଟ୍ ସାହେବ ଓ କାଶ୍ମୀର ପ୍ରଦେଶ ଅନ୍ତର୍ଗତ ମୀରପୁର ଜିଲ୍ଲାର ମୁହମ୍ମଦ ଆଲିମ୍ ସାହେବଙ୍କ ସୁପୁତ୍ର ସ୍ୱର୍ଗତ ସମ୍ମାନନୀୟ ମୁଶ୍‌ତାକ୍ ଅହମଦ୍ ଆଲିମ୍ ସାହେବଙ୍କର ଉତ୍ତମ ଚର୍ଚ୍ଚା କଲେ ଏବଂ ନମାଜ ଜୁମା ପରେ ଉପରୋକ୍ତ ମୃତକମାନଙ୍କର ନମାଜ ଯନାଜାଃ ଗାଏବ୍ ପଢେଇବାର ଘୋଷଣା କଲେ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍।**

......................................

KHULASA KHUTBA JUMA HUZOOR ANWAR a.b.a

12th Aug 2022